# Akashvani, Sambalpur

## SAMBALPURI NEWS EVENING BULLETIN

**15 March 2025- 7.02 pm- 7.12 pm.**

*********************************************

୧- ପ୍ରଧାନ୍‌ମନ୍ତ୍ରୀଙ୍କର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ର ଆଏବା ସଂସ୍କରଣ୍ ଲାଗି ୨୫ ତାରିଖ୍‌ତକ୍ ଲୁକେ ଦେଇପାର୍‌ବେ ନିଜର୍ ମତାମତ ।

୨- ଖାଉଟି ମାନ୍‌କର୍ ଅଧିକାର୍ ଆର୍ ସୁରକ୍ଷା ଲାଗି ଆଏଜ୍ ପାଲିତ୍ ହେଉଛେ ବିଶ୍ୱ ଖାଉଟି ଅଧିକାର୍ ଦିବସ୍ ।

୩- ସାରା ରାଏଜେ ଉସତ୍ ଉସ୍‌ନାକିଥି ପାଲିତ୍ ହେଲା ରଙ୍ଗର୍ ତିହାର୍ ହୋଲି ।

ଆଉର୍

୪- ରାଏଜେ ବଢୁଥିବା ତାତିକେ ନଜର୍‌ଥି ରଖିକରି ସତର୍କତା ମୂଲକ୍ ପଦକ୍ଷେପ୍ ନେବାର୍ ଲାଗି ଜିଲ୍ଲାପାଲ୍ ମାନ୍‌କୁ ନିର୍ଦ୍ଦେଶ୍ ଦେଲେ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ।

ମନ୍ କି ବାତ୍        ଆର୍ଏନ୍ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୦ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥି୍ର୍‌ଲାଗି ସାଧାରଣ୍ ଲୁକ୍‌କର୍ ମତାମତ୍ ମଗାହେଇଛେ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି୍ ସେମାନ୍‌କର୍ ମତମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ୍ କରିପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ନିଜର୍ ମତାମତ୍ ଆଏବା ୨୫ ତାରିଖ୍ ଭିତ୍‌ରେ ଦେଇପାର୍‌ବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି୍ ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି୍ ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି୍ ଇତାର୍ ପ୍ରସାରଣ୍

କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍ର ଫେର୍ଘାଏ ପ୍ରସାରଣ୍ କରାଯିବା ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ଆର୍ଏନ୍ୟୁ/ ସମ୍ବଲପୁର

ବିଧାନ୍ସଭା ବଜେଟ୍ ଅଧିବେଶନ୍ ଚାଲିଥିବାର୍ନୁ ମୁଖ୍ୟମନ୍ତ୍ରୀଙ୍କର୍ ଭୁବ୍ନେଶ୍ୱର୍ର ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ନ ଆଏବା ସୋମ୍ବାର୍ ଦିନ ଶୁଣାଣି ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ- ଦୁର୍ଘଟଣା ସାହାଜ୍ ହି.ସ.

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କେନ୍ଦୁଝର୍ ନ ହେଇଥିବା ଦୁର୍ଘଟଣାଥି ମୃତକଙ୍କର୍ ପରିବାର୍ ଲୁକ୍କୁ ୪ ଲାଖ୍ ଟଙ୍କାର୍ ଅନୁକମ୍ପାମୂଲକ୍ ସାହାଜ୍ ଘୋଷ୍ନା କରିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ୨୦ ନମ୍ବର୍ ଜାତୀୟ ରାଜ୍ପଥ୍ ଚମ୍ପୁଆ ଥାନା ଦୋଳିତା ଛକ୍ ପାଖେ ଗୁଟେ ଲୁହା ବୁଝେଇ

ଟ୍ରକ୍ ଧକ୍କାଥି ସାନନଈ  ଗାଁର୍ ଗୁଟେ ପରିବାର୍‌ର ୩ ଝନ୍‌କର୍ ଜୀବନ୍ ଯାଇଥିଲା ।

ବିଶ୍ୱ ଖାଉଟୀ ଅଧିକାର ଦିବସ       ଆର୍‌ଏନ୍‌ୟୁ /  ସମ୍ବଲପୁର

ଆଏଜ୍ ବିଶ୍ୱ ଖାଉଟୀ ଅଧିକାର ଦିବସ । ଖାଉଟୀ ଅଧିକାର ଆଉ ଆବଶ୍ୟକତା ବାବ୍‌ଦେ ଲୁକ୍‌କୁ ସଚେତନ କରବାର୍ ଲାଗି ଫି’ ବଛର୍ ମାର୍ଚ୍ଚ ୧୫ ତାରିଖ ଦିନ ଇ ଦିବସ ପାଲନ କରାଯାଉଛେ । ଆମେ ଘିନୁଥିବାର୍ ଜିନିଷ ଆଉ ସେବାର ଗୁଣବତା, ଶୁଦ୍ଧତା, ଦାମ୍ ଆଉ ମାନଦଣ୍ଡ ବାବ୍‌ଦେ ତଥ୍ୟ ହାସଲ୍ କର୍‌ବାର୍ ସମ୍‌କିରିର ଅଧିକାର ଆଏ । ବଜାର ନ ଅସାଧୁ ବ୍ୟକ୍ତିଙ୍କର ଠକେଇ ନୁ ରକ୍ଷା ପାଏବାର୍ ସହେତେ ନିଜର୍ ସୁରକ୍ଷା ଅଧିକାର ଦାବି କର୍‌ବାର୍ ଲାଗି ଇ ଦିବସ ପାଲନ ଜରିଆଥି ଲୋକ୍ ମାନ୍‌କୁ ସଚେତନ କରାଯାଉଛେ । ଇ ବଛ୍‌ରର୍  ଇ ଦିବସ୍‌ର ବାର୍ତା ହେଉଛେ ‘ସ୍ଥାୟୀ ଜୀବନ୍ ଶୈଲୀ ଲାଗି ଗୁଟେ ପରିବର୍ତନ୍’ । ଖାଉଟୀ ମାନ୍‌କର୍ ଅଧିକାର୍‌ର ସୁରକ୍ଷା ଆଉ  ଅଭିଯୋଗ୍‌ର ତୁର୍‌ତି ସମାଧାନ୍ ଲାଗି ସର୍‌କାର୍ ବହୁତ୍‌ଟେ କାର୍ଯ୍ୟକ୍ରମ୍ କରୁଛନ୍ । ଜାତୀୟ ଉପଭୋକ୍ତା ହେଲ୍ପଲାଇନ୍ ନମ୍ବର୍ ଜରିଏ ଅଭିଯୋଗ୍ ମାନ୍‌କର୍ ତୁର୍‌ତି ସମାଧାନ୍ କରାଯାଉଛେ । ଇ କମର୍ସ

ସଂସ୍ଥାମାନ୍‌କେ ହେଉଥିବା ଅନିୟମିତତାନୁ ଉପଭୋକ୍ତାମାନ୍‌କୁ ବଂଚାବାର୍ ଲାଗି ଖାଉଟି ବ୍ୟାପାର୍ ବିଭାଗ୍ ତରଫୁ ଉପଭୋକ୍ତା ସୁରକ୍ଷା (ଇ-କମର୍ସ) ନିମୟାବଳୀ-୨୦୨୦ ଲାଗୁ କରାଯାଇଛେ ।

ବିଶ୍ୱ ଖାଉଟି ଅଧିକାର୍ ଦିବସ-ମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

ବିଶ୍ୱ ଖାଉଟି ଅଧିକାର୍ ଦିବସ୍ ଅବ୍‌ସରେ ଆଭାସୀ ଜରିଏ ଗୁଟେ ଓ୍ୱେବିନାର୍‌କେ ସମ୍ବୋଧନ୍ କରିକରି ଖାଉଟୀ ବ୍ୟାପାର୍ ମନ୍ତ୍ରୀ ପ୍ରହଲ୍ଲାଦ୍ ଯୋଷୀ କହିଛନ୍, ଖାଉଟୀ ମାନ୍‌କର୍ ସୁରକ୍ଷାର୍ ଲାଗି କେନ୍ଦ୍ର ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ଆନ୍ । ଉପଭୋକ୍ତାମାନ୍‌କର୍ ସଶକ୍ତିକରଣ୍ ଉପ୍‌ରେ ଜୋର୍ ଦେଇକରି ଅଭିଯୋଗ୍ ମାନ୍‌କର୍ ସମାଧାନ୍ କର୍‌ବାର୍ ଲାଗି ଆଧୁନିକ୍ ଜ୍ଞାନ୍ କୌଶଲ୍ ବେଭାର୍ କରାଯାଉଛେ ବଲି ମନ୍ତ୍ରୀ ଶ୍ରୀ ଯୋଷୀ କହିଛନ୍ ।

ପଦ୍ମ ପୁରସ୍କାର ଏନ୍‌ଏସ୍‌ଡି

ଦେଶର୍ ସର୍ବୋଚ୍ଚ ବେସାମରିକ୍ ସମ୍ମାନ୍ ପଦ୍ମ ପୁରସ୍କାର୍ -୨୦୨୬ ଲାଗି ମନୋନୟନ୍ ମୁଲ୍ କରାଯାଇଛେ । ରାଷ୍ଟ୍ରୀୟ

ପୁରସ୍କାର୍ ପୋର୍ଟାଲ୍‌ଥି ଅନ୍‌ଲାଇନ୍ ଜରିଏ ମନୋନୟନ୍ ଆର୍ ଅନୁମୋଦନ୍ ଗ୍ରହଣ୍ କରାଯିବା । ଇଥିର୍‌ଲାଗି ଆଏବା ଜୁଲାଇ ମାସର୍ ୩୧ ତାରିଖ୍‌କେ ଶେଷ୍ ତାରିଖ୍ ରଖାଯାଇଛେ ।

କଳା, ସାହିତ୍ୟ ଆଉ ଶିକ୍ଷା, କ୍ରୀଡ଼ା, ମେଡ଼ିସିନ୍, ସମାଜ୍‌ସେବା, ବିଜ୍ଞାନ୍ ଆଉ ଇଞ୍ଜିନିୟରିଂ, ସାଧାରଣ୍ ବ୍ୟାପାର୍, ସିଭିଲ୍ ସର୍ଭିସ୍, ବାଣିଜ୍ୟ ଆଉ ଶିଳ୍ପ କ୍ଷେତ୍ରଥି ଉଲ୍ଲେଖନୀୟ ଅବଦାନ୍ ଲାଗି ଇ ପୁରସ୍କାର୍ ଦିଆଯାଏସି ।

ହୋଲି

ସମ୍ବଲପୁର/ସୁବର୍ଣ୍ଣପୁର/ନୂଆପଡ଼ା/ବୌଦ୍ଧ/ବଲାଙ୍ଗିର୍

ରଙ୍ଗର୍ ପରବ୍ ଭାବେ ସାରା ଦେଶେ ପାଲନ୍ କରାଯାଉଥିବାର୍ ସବୁନୁ ଖୁସିର୍ ତିହାର୍ ହେଉଛେ ହୋଲି । ବସନ୍ତ ଋତୁର ଆସ୍‌ବାର୍‌ଟା ଆଉର୍ ଖରାପ୍ ଉପ୍‌ରେ ଭଲ୍‌ର ବିଜୟର ସ୍ୱରୂପ୍ ରଙ୍ଗର୍ ତିହାର୍ ହୋଲି ଆଏଜ୍ ସାରା ରାଏଜେ ଉସତ୍, ଉସ୍‌ନାକିଥି ପାଲନ୍ କରାଯାଇଛେ । ହୋଲି ତିହାର୍ ଫଗୁନ୍ ମାସର୍ ପୁନି ଆର୍ ତାର୍ ଆରଦିନ ପାଲନ୍ କରାହେସି । ସମାଜ୍‌ର ଭିନ୍ ଭିନ୍ ବର୍ଗର୍ ଲୁକେ ସଭେ ସମ୍‌କୁ ରଙ୍ଗ ଲଗେଇକରି ଭାବ୍ ଦିଆନିଆ କରିଛନ୍ ।

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ରଙ୍ଗର୍ ଉତ୍ସବ୍ ହୋଲି ଅବ୍‌ସରେ ଅଭିନନ୍ଦନ ଜନାବାର୍ ସହେତେ ରାଜ୍ୟବାସୀଙ୍କୁ ପ୍ରାକୃତିକ୍ ରଙ୍ଗ ବେଭାର୍ କରିକରି ଉତ୍ସବ୍‌କେ ମନାବାର୍ ଲାଗି କହିଥିଲେ ।

ରଙ୍ଗର୍ ପର୍ବ ହୋଲି ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନାବାର୍ ସହେତେ ଭାଇଚାରା ଆଉ ସଦ୍‌ଭାବନାର୍ ଇ ପର୍ବ ସମ୍‌କର୍ ଜୀବନ୍‌ଥି ସୁଖ୍, ଶାନ୍ତି ଭରିଦଉ ବଲି କାମ୍‌ନା କରିଛନ୍ । ରାଜ୍ୟର୍ ବରିଷ୍ଠ ପୁଲିସ୍ ଅଧିକାରୀମାନ୍‌କର୍ ସାଙ୍ଗେ ମୁଖ୍ୟମନ୍ତ୍ରୀ ହୋଲି ତିହାର୍ ପାଲନ୍ କରିଛନ୍ ।

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଉ ପ୍ରଭାତୀ ପରିଡ଼ା ରାଜ୍ୟବାସୀଙ୍କୁ ହୋଲିର ଶୁଭେଚ୍ଛା ଜନାବାର୍ ସହେତେ ଇ ପର୍ବ ସମ୍‌କର୍ ଜୀବନ୍‌ଥି ଖୁସି, ସମନ୍ୱୟ, ନୂଆଁ ଶକ୍ତି ଆର୍ ଉର୍ଜା ଭରିଦଉ ବଲି କହିଛନ୍ ।

ସମ୍ବଲ୍‌ପୁର୍ ସହରେ ଭିନ୍ ଭିନ୍ ଜାଗା ନ ସାଧାରଣ୍ ଲୁକେ ରଙ୍ଗର୍ ତିହାର୍ ହୋଲିକେ ଜବର୍ ଧୁମ୍‌ଧାମ୍‌ଥି ପାଲନ୍ କରିଛନ୍ । ପଂଚାୟତିରାଜ୍‌ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଆଉ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ନିଜେ ନିଜର୍ ବାସଭବନ୍ ନ ସାଧାରଣ୍ ଲୁକ୍‌କର୍ ସାଙ୍ଗେ ଇ ପର୍ବକେ ପାଲନ୍ କରିଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା ନ ଆନନ୍ଦ , ଉଲ୍ଲାସ୍‌ଥି ହୋଲି ପାଲିତ୍ ହେଇଯାଇଛେ । ଦୋଳ ମେଳଣ ପଡ଼ିଆ ନ ହରିହର ଭେଟ୍

ସହେତେ ସୁସଜ୍ଜିତ ବିମାନ୍‌ଥି ବିଜେ ହେଇଥିବା ରାଧାକୃଷ୍ଣଙ୍କର୍ ଯୁଗଳ ମୂର୍ତିକେ ଶ୍ରଦ୍ଧାଲୁମାନେ ଦର୍ଶନ୍ କରିଛନ୍ । ଦେଢ୍ ଶହ ବଛରର୍ ଜୁନ୍‌ହା ପରମ୍ପରାକେ ନେଇକରି ବୀର୍‌ମହାରାଜ୍‌ପୁର୍ ଠାନେ ୧୬ ଟା ଗାଁନୁ ଆସିଥିବା ହରି ଆର୍ ହରଙ୍କର୍ ଦୁର୍ଲଭ୍ ଭେଟ୍‌କେ ହଜାର୍ ହଜାର୍ ଲୋକ୍ ଦର୍ଶନ୍ କରିଛନ୍ । ଇତାର୍‌ସହେତେ ୫ ଦିନ୍ ଧରିକରି ଚାଲିଥିବା ଫଗୁନ୍‌ପୁନି ମହୋତ୍ସବ୍ ଉଦ୍‌ଯାପିତ୍ ହେଇଯାଇଛେ ।

ନୂଆପଡ଼ା ଜିଲ୍ଲାର୍ ଗାଁ ଆର୍ ସହର୍ ସହେତେ ଖଡ଼ିଆଲ୍ ଠାନେ ରାମ୍ ମନ୍ଦିର୍ ମଣ୍ଡଲୀ ତର୍‌ଫୁ ହୋଲି ପର୍ବ ପାଲିତ୍ ହେଇଯାଇଛେ । ନାଚ୍‌ଗୀତ୍ ସହେତେ ସାଧାରଣ୍ ଲୁକେ ଫଗୁ, ରଙ୍ଗ ସାଙ୍ଗେ ହୋଲି ତିହାର୍‌କେ ମନେଇଛନ୍ । ସେଆଡ଼େ ବୋଡ଼େନ୍ ବ୍ଲକ୍ ନ ଥିବା ସିଆର୍‌ପିଏଫ୍ କେମ୍ପ୍ ନ ଆଏଜ୍ ହୋଲି ପାଲିତ୍ ହେଇଯାଇଛେ ।

ବୌଦ୍ଧ ସହରେ ଭିଲ୍ ହୋଲି ତିହାର୍ ପାରମ୍ପାରିକ୍ ରୀତିନୀତିଥି ପାଲିତ୍ ହେଇଯାଇଛେ । ସଂକୀର୍ତନ୍ ସହେତେ ସାଧାରଣ୍ ଲୁକେ ମାହାପୁରୁମାନ୍‌କୁ ଧରିକରି ସହର୍ ସାରା ବୁଲିଥିଲେ ।

ବଲାଙ୍ଗିର୍ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଭିଲ୍ ହୋଲି ଖେଲ୍ ଉସ୍‌ନାକିଥି ପାଲନ୍ କରାଯାଇଛେ । ପାଟ୍‌ନାଗଡ୍ ରାଜ୍‌ଖମାର୍ ଠାନେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ସାଧାରଣ୍ ଲୁକ୍‌କର୍ ସାଙ୍ଗେ ହୋଲି ଖେଲିଛନ୍ ।

ଅଗ୍ନିପଥ୍ ଯୋଜ୍ନା ଆର୍ଏନ୍ୟୁ/ କଟକ୍

ଭାରତୀୟ ସେନାବାହିନୀଥି ୨୦୨୫-୨୬ ବଛର୍ ଲାଗି ଅଗ୍ନିପଥ୍ ଯୋଜ୍ନା ଆର୍ ନିୟମିତ୍ ପଦ୍‌ବୀଥି ନିଯୁକ୍ତି ଲାଗି ଆବେଦନ୍ ପ୍ରକ୍ରିୟା ମୁଲ୍ ହେଇଛେ । ଅନ୍‌ଲାଇନ୍ ଜରିଏ ଆଏବା ମାସ ୧୦ ତାରିଖ୍‌ତକ୍ ଆବେଦନ୍ କରାଯାଇପାର୍‌ବା । ଆଗ୍ରହୀ ପ୍ରାର୍ଥୀ www.join indian army.nic.in ଥି ଆବେଦନ୍ କରିପାର୍‌ବେ । ପରୀକ୍ଷା ବାବଦ୍ ସବୁ ନିୟମାବଲୀ ୱେବ୍‌ସାଇଟ୍‌ଥି ମିଲିପାରୁଛେ । ସେନ୍ତା ଆବେଦନ୍ ଆଉ ପରୀକ୍ଷା ବାବଦ୍ ଅଏତ୍‌କା ତଥ୍ୟ ଜାନ୍‌ବାର୍ ଲାଗି ହେଲେ ଆଗ୍ରହୀ ପ୍ରାର୍ଥୀ କଟକ୍ ଆର୍ମି ରିକ୍ରୁଟ୍‌ମେଂଟ୍ କାର୍ଯ୍ୟାଳୟ ସାଙ୍ଗେ ବ୍ୟକ୍ତିଗତ୍ ଭାବେ ଯୋଗାଯୋଗ କରିପାର୍‌ବେ ବଲି କୁହାଯାଇଛେ ।

ରେଲ୍ ପ୍ରକଳ୍ପର୍ ମୂଲ୍ୟାୟନ ଆର୍ଏନ୍ୟୁ/ କଟକ୍

ଦେଶର୍ ମୁଖିଆ ରେଲ୍‌ପ୍ରକଳ୍ପ ମାନ୍‌କର୍ ମୂଲ୍ୟାୟନ୍ କରାଯାଇଛେ । ନେଟ୍‌ୱାର୍କ ପ୍ଲାନିଂ ଗ୍ରୁପ୍‌ର ୮୯ ନମ୍ବର୍ ବୈଠକ୍‌ଥି ଶିଳ୍ପ ଆଉ ଅନ୍ତରିଣ ବାଣିଜ୍ୟ ବିଭାଗ୍‌ର ଯୁଗ୍ମ ସଚିବଙ୍କର୍ ଅଧ୍ୟକ୍ଷତାଥି ରାଜ୍ୟର୍ ୨ ଟା ରେଲ୍ ପ୍ରକଳ୍ପର୍

ମୂଲ୍ୟାୟନ୍ କରାଯାଇଛେ । ନିର୍ଗୁଣ୍ଡିନୁ କଟକ୍ତକ୍ ୪ ନମ୍ବର୍ ରେଲ୍ଲାଇନ୍ ପ୍ରକଳ୍ପ କରାଯିବାର୍ ଲାଗି ସର୍କାର୍ଙ୍କର୍ ବିଚାରାଧୀନ୍ ରହିଛେ । ସେନ୍ତା ହରିଦାସ୍ପୁର୍ନୁ ପାରାଦ୍ୱୀପ୍ ରେଲ୍ଲାଇନ୍ ଦୋହରିକରଣ୍ ପ୍ରକଳ୍ପର୍ ଭିଲ୍ ମୂଲ୍ୟାୟନ୍ କରାଯାଇଛେ । ଇତାର୍ଛଡ଼ା ତାଲ୍ଚେର୍ କୁଇଲାଖଣିନୁ ପାରାଦ୍ୱୀପ୍ ବନ୍ଦର୍ତକ୍ ସିଧାସଲଖ୍ କୁଇଲା ପରିବହନ୍କେ ଠିକ୍ କରି କର୍ବାର୍ ଲାଗି ଆଉ ଅନୁଗୁଲ୍-ଝାର୍ସୁଗୁଡ଼ା କ୍ଲଷ୍ଟର୍ଥି ଶିଳ୍ପ ସମ୍ପ୍ରସାରଣ୍କେ ବଢ଼ାବାର୍ ଲାଗି ରେଲ୍ ବିଭାଗ୍ ତର୍ଫୁ ବିଚାର୍ କରାଯାଉଥିବାର୍ ଜନାପଡ଼ିଛେ ।

ଇସ୍ରୋ-ଏଲ୍.ଭି.ଏମ୍-ଥ୍ରି ଏନ୍ଏସ୍ଡି

ଭାରତୀୟ ମହାକାଶ୍ ଅନୁସନ୍ଧାନ୍ ପ୍ରତିଷ୍ଠାନ୍- ଇସ୍ରୋ କ୍ରାୟୋଜେନିକ୍ ଇଞ୍ଜିନ୍ର ହଟ୍ ଟେଷ୍ଟିଂ ପ୍ରଣାଲୀର୍ ପରୀକ୍ଷା ସଫଲତାର୍ ସହେତେ କରିଛେ । ଇତାର୍ ୬ ନମ୍ବର୍ ପରିଚାଲନାଗତ ଅଭିଯାନ୍ଥି ଏଲ୍.ଭି.ଏମ୍-ଥ୍ରି ଲଂଚ୍ ଭେଇକିଲ୍ ଇ ପରୀକ୍ଷାଥି ସଫଲ୍ ହେଇଥିବାର୍ ଜନାପଡ଼ିଛେ । ତାମିଲ୍ନାଡୁର୍ ମହେନ୍ଦ୍ରଗିରି ନ ଇସ୍ରୋର୍ ପ୍ରପଲ୍ସନ୍ କମ୍ପ୍ଲେକ୍ସ ଠାନେ ଇ ପରୀକ୍ଷା କରାଯାଇଥିଲା । ମହାକାଶ୍ ଅଭିଯାନ୍ କ୍ଷେତ୍ରଥି କମ୍ ସମିଆ ଭିତ୍ରେ

କ୍ରାୟୋଜେନିକ୍ ଇଞ୍ଜିନ୍‌ର ସଫଳତା ସୁନିଶ୍ଚିତ୍ କର୍‌ବାର୍ ଲାଗି ଇ ପରୀକ୍ଷା କରାଯାଇଛେ । ଇ ବଛର୍ ଇତାର୍ ଉତ୍କ୍ଷେପଣ କରାଯିବା ବଲି ସୂଚ୍‌ନା ମିଲିଛେ ।

ନୂଆପଡ଼ା- ବି.ଏସ୍.କେ.ୱାଇ.          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ମିଶନ୍ ସ୍ୱାସ୍ଥ୍ୟକେନ୍ଦ୍ର ନ ବିଜୁ ସ୍ୱାସ୍ଥ୍ୟ ସୁରକ୍ଷା ବୀମା ଯୋଜ୍‌ନାଥି ଜୁଡ଼ି ହେବାର୍ ବାବ୍‌ଦେ ଗୁଟେ ସମ୍ବର୍ଦ୍ଧନା ସଭା ହେଇଯାଇଛେ । ୧୯୩୦ ମସିହାନୁ ଖଡ଼ିଆଲ୍ ମିଶନ୍ ସ୍ୱାସ୍ଥ୍ୟକେନ୍ଦ୍ର ସେବା ଦେଇ ଆସୁଥିବାର୍ ବେଲେ ଇଥର ରାଜ୍ୟ ସର୍‌କାର୍‌ଙ୍କର୍ ବିଜୁ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜ୍‌ନାଥି ଭିଲ୍ ଇତାକେ ସାମିଲ୍ କରାଯାଇଛେ । ଖଡ଼ିଆଲ୍ ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଇ ସ୍ୱାସ୍ଥ୍ୟକେନ୍ଦ୍ର ବି.ଏସ୍.କେ.ୱାଇ. ଅନ୍ତର୍ଭୁକ୍ତିକରଣ୍‌ର ଶୁଭାରମ୍ଭ କରିଥିଲେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ବଢୁଥିବା ତାପମାତ୍ରାକେ ନଜର୍‌ଥି ରଖିକରି ସତର୍କତାମୂଲକ୍ ପଦକ୍ଷେପ୍ ନେବାର୍ ଲାଗି ସ୍ୱତନ୍ତ୍ର ରିଲିଫ୍

କମିଶନର୍ -ଜିଲ୍ଲାପାଳ୍ ମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଆଏବା ୨ ନୁ ୩ ଦିନ୍ତକ୍ ରାଜ୍ୟର୍ କେତେଟା ଜିଲ୍ଲା ନ ଜବର୍ ଖରା ଲାଗି ରହେବା । ସେନ୍ତା ଝାର୍ସୁଗୁଡ଼ା, ସମ୍ବଲ୍ପୁର୍, କଲାହାଣ୍ଡି ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଜବର୍ ଖରାକେ ନେଇକରି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛେ । ଆଏଜ୍ ବୌଦ୍ଧ ନ ରାଜ୍ୟର୍ ସବୁନୁ ଜହ ତାତି ୪୨ ଦଶ୍ମିକ୍ ୫ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼ କରାଯାଇଛେ । ସେନ୍ତା ୧୩ ଟା ସହରର୍ ତାପମାତ୍ରା ୪୦ ଡିଗ୍ରୀ ଉପ୍ରେ ରହିଥିଲା । ସେଆଡ଼େ ସମ୍ବଲ୍ପୁର୍ ନ ୪୨ ଦଶ୍ମିକ୍ ୨, ଝାର୍ସୁଗୁଡ଼ା ନ ୪୧ ଦଶ୍ମିକ୍ ୮, ବଲାଙ୍ଗିର୍ ନ ୪୧ ଦଶ୍ମିକ୍ ୫, ସୋନ୍ପୁର୍ ନ ୪୧ ଦଶ୍ମିକ୍ ୨, ସୁନ୍ଦର୍ଗଡ଼୍ ନ ୪୦ ଦଶ୍ମିକ୍ ୮, ଭବାନୀପାଟ୍ନା ନ ୪୦ ଦଶ୍ମିକ୍ ୨ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼ କରାଯାଇଛେ ।